# NATIONAL NEWS BULLETIN (ODIA)

## 28 November - 2024

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଉଟି ସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜର ଅଧ୍ୟାପକ ଓ ଶିକ୍ଷାର୍ଥୀଙ୍କୁ ଆଜି ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ଗ୍ରହଣ କରିବେ ଜେଏମ୍‌ଏମ୍ ନେତା ହେମନ୍ତ ସୋରେନ
- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ପ୍ରତିରକ୍ଷା ଭାଗିଦାରୀ ଦିବସ କାର୍ଯ୍ୟକ୍ରମ
- ଗାଜାରେ ଅସ୍ତ୍ର ବିରତି ପାଇଁ ପ୍ରୟାସ କରିବା ନେଇ ଘୋଷଣା କଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍

ଏବଂ

- ସୟଦ ମୋଦୀ ଆନ୍ତର୍ଜାତିକ ୨୦୨୪ ବିଡବ୍ଲୁଏଫ୍ ସୁପର୍ ୩୦୦ ପ୍ରତିଯୋଗିତାରେ ପି.ଭି. ସିନ୍ଧୁ ଓ ଲକ୍ଷ୍ୟ ସେନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ

## ପ୍ରେଜ୍ - ତାମିଲ୍‌ନାଡୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚାରିଦିନିଆ ତାମିଲନାଡୁ ଗସ୍ତରେ ଯାଇ କୋଏମ୍ବାଟୁରଠାରେ ପହଞ୍ଚିଛନ୍ତି । ସେ ଆଜି ୱେଲିଂଟନ୍ ଉଟିସ୍ଥିତ ଡିଫେନ୍ସ ସର୍ଭିସେସ୍ ଷ୍ଟାଫ୍ କଲେଜ୍‌ର ଅଧ୍ୟାପକ ଏବଂ ଶିକ୍ଷାର୍ଥୀଙ୍କୁ  ସମ୍ବୋଧନ କରିବେ । ଖରାପ ପାଗ ଯୋଗୁଁ ରାଷ୍ଟ୍ରପତି ଗତକାଲି ସଡ଼କପଥରେ ଉଟି ଅଭିମୁଖେ ଯାତ୍ରା କରିଥିଲେ । ନୀଳଗିରି ଜିଲ୍ଲାର ଆଦିବାସୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ସହ ଆସନ୍ତାକାଲି ରାଷ୍ଟ୍ରପତି ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି କୋଏମ୍ବାଟୁର ଏବଂ ଉଟି ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି ।

## ଝାଡ଼ଖଣ୍ଡ-ସିଏମ୍ ସ୍ୱେରିଂ

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଭାବେ ଆଜି ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ବିଧାୟକ ଦଳ ନେତା ହେମନ୍ତ ସୋରେନ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ । ରାଞ୍ଚିସ୍ଥିତ ମୋର୍‌ହାବାଡ଼ି ମଇଦାନରେ ଅପରାହ୍ଣ ୪ଟାରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ତାଙ୍କୁ ଶପଥପାଠ କରାଇବେ । ଗତକାଲି ରାଞ୍ଚିରେ ଶ୍ରୀ ସୋରେନ୍ କହିଥିଲେ ଯେ ଶପଥ ଗ୍ରହଣ ଉତ୍ସବରେ

ଯୋଗଦେବା ଲାଗି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ବିଜେପିର ନେତାମାନଙ୍କୁ ନିମନ୍ତ୍ରଣ କରିଛନ୍ତି ।

ହେମନ୍ତ ସୋରେନ ଆଜି ଚତୁର୍ଥଥର ପାଇଁ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ । ଶପଥ ଗ୍ରହଣ ଉତ୍ସବରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ପ୍ରସାଦ ଯାଦବ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ପ୍ରସାଦ ଯାଦବ ମଧ୍ୟ ଏହି ଉତ୍ସବରେ ଯୋଗଦେବାର ସମ୍ଭାବନା ରହିଛି ।

ସୂଚନା ଅନୁଯାୟୀ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ ସାଙ୍ଗମା, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଓ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ । ଶପଥ ଗ୍ରହଣ ଉତ୍ସବ ସମୟରେ ଟ୍ରାଫିକ୍ ସମସ୍ୟା ଏଡ଼ାଇବା ପାଇଁ ଆଜି ରାଞ୍ଚିର ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖାଯାଇଛି ।

## ସେଣ୍ଟର ଫର୍ଟିଲାଇଜର

ଡି-ଆମୋନିୟମ୍ ଫସ୍‌ଫେଟ୍ ସାରର ଶୀଘ୍ର ଯୋଗାଣ ସୁନିଶ୍ଚିତ କରିବା ଏବଂ ଏହାର ଉପଲବ୍ଧତା କ୍ଷେତ୍ରରେ ଦେଖାଦେଉଥିବା ସମସ୍ୟା

ଗୁଡ଼ିକର ସମାଧାନ ପାଇଁ କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନେଉଥିବା କୁହାଯାଇଛି । ଏକ ବିବୃତିରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟ କହିଛି ଯେ ପରିସ୍ଥିତିର ସମାଧାନ ପାଇଁ ରାଜ୍ୟ ସରକାର, ରେଳବାଇ ଏବଂ ସାର କମ୍ପାନୀଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଉଛି । ବିଶ୍ୱ ବ୍ୟାପୀ ଦେଖାଦେଇଥିବା ଅସୁବିଧା ସତ୍ତ୍ୱେ ୨୦୨୪-୨୫ ରବିଋତୁରେ ଅକ୍ଟୋବର ଓ ନଭେମ୍ବର ମାସରେ ୧୭ ଲକ୍ଷ ଟନ୍‌ରୁ ଅଧିକ ଡିଏପି ସାର ବନ୍ଦର ଗୁଡ଼ିକରେ ପହଞ୍ଚାଯାଇଥିଲା ଏବଂ ସେଗୁଡ଼ିକୁ ରାଜ୍ୟଗୁଡ଼ିକରେ ବଣ୍ଟନ କରାଯାଇଛି । ଏହା ବ୍ୟତୀତ ପ୍ରାୟ ସାଢ଼େ୬ଲକ୍ଷ ଟନ୍ ଘରୋଇ ଉତ୍ପାଦକୁ ମଧ୍ୟ ରାଜ୍ୟଗୁଡ଼ିକୁ ଯୋଗାଇ ଦିଆଯାଇଛି । କେନ୍ଦ୍ର ସରକାରଙ୍କ ପ୍ରୟାସ ଯୋଗୁଁ ଚଳିତ ରବି ଋତୁରେ ୩୪ ଦଶମିକ ୮/୧ ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ସହ ୫୫ ଲକ୍ଷ ମେଟ୍ରିକ୍ ଟନ୍‌ରୁ ଅଧିକ ନାଇଟ୍ରୋଜେନ୍, ଫସ୍‌ଫରସ୍, ପୋଟାସିୟମ ଏବଂ ସଲ୍‌ଫର ସାର ଯୋଗାଇ ଦିଆଯାଇଛି ।

ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରମୁଖ ଯୋଗାଣକାରୀଙ୍କ ରପ୍ତାନୀ ହ୍ରାସ ଏବଂ ବିଭିନ୍ନ ଭୂ-ରାଜନୈତିକ କାରଣ ଯୋଗୁଁ ଡିଏପି ସାର ଯୋଗାଣ କିଛିମାତ୍ରାରେ ପ୍ରଭାବିତ ହୋଇଛି ।

## ଡିଫେନ୍ସ ପାର୍ଟନରସିପ୍ ଡେଜ୍

ସଶସ୍ତ୍ର ବାହିନୀ ଏବଂ ଶିଳ୍ପ ମଧ୍ୟରେ ସହଯୋଗ ବୃଦ୍ଧି ନିମନ୍ତେ ଆଜିଠାରୁ ନୂଆଦିଲ୍ଲୀରେ ପ୍ରତିରକ୍ଷା ଭାଗିଦାରୀ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହେବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସରକାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କୁ ନିକଟତର କରାଇବା ଓ ବିଭିନ୍ନ ସ୍ତରରେ ରଣନୈତିକ ଯୋଗଦାନକୁ ସୁଗମ କରିବା ପାଇଁ ନୀତି ନିର୍ଦ୍ଧାରଣ କରାଯିବ । ବୈଷୟିକ ଜ୍ଞାନକୌଶଳ ଏବଂ କ୍ରୟ କ୍ଷେତ୍ରରେ ମନ୍ତ୍ରଣାଳୟ ଓ ସଶସ୍ତ୍ର ବାହିନୀର ୨୦୦ରୁ ଅଧିକ କମ୍ପାନୀ ଏବଂ ୧୦୦ରୁ ଅଧିକ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ ।

## ୟୁଏସ୍ ପ୍ରେଜ୍-ସିସ୍‌ଫାୟାର

ଆମେରିକା ତୁର୍କୀ, ଇଜିପ୍ଟ, କତାର ଏବଂ ଇସ୍ରାଏଲ୍ ସହ ମିଳିତ ଭାବେ ଗାଜାରେ ଅସ୍ତ୍ର ବିରତି ପାଇଁ ପ୍ରୟାସ କରିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଘୋଷଣା କରିଛନ୍ତି । ଇସ୍ରାଏଲ୍ ହିଜିବୁଲ୍ଲା ମଧ୍ୟରେ ଲେବାନନ୍‌ରେ ଅସ୍ତ୍ର ବିରତି ରାଜିନାମା ସ୍ୱାକ୍ଷରିତ ହେବାର କିଛି ସମୟ ପରେ ବାଇଡେନ୍ ଏହି ମନ୍ତବ୍ୟ ଦେଇଛନ୍ତି । ସେ କହିଛନ୍ତି ଆଗାମୀ ଦିନରେ ଆମେରିକା ଗାଜାରେ ଅସ୍ତ୍ରବିରତି ପାଇଁ ପ୍ରୟାସ କରିବା ସହ ବନ୍ଧକମାନଙ୍କୁ ମୁକ୍ତ କରିବା ଏବଂ ହମାସ୍ କ୍ଷମତାକୁ ନ ଆସି ଯୁଦ୍ଧ ଶେଷ କରିବା ପାଇଁ ଚେଷ୍ଟା କରାଯିବ ।

ଲେବାନନରେ ଅସ୍ତ୍ର ବିରତିକୁ ନେଇ ହମାସ୍ ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ କରିବା ସହ ଗାଜାରେ ଯୁଦ୍ଧ ବିରତି ଉପରେ ବିଚାର କରିବାକୁ

ସଂକେତ ଦେଇଥିଲା । ତେବେ ଇସ୍ରାଏଲ୍‌ର ଦାବି ଗୁଡ଼ିକୁ ହମାସ ପ୍ରତ୍ୟାଖ୍ୟାନ କରିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ହମାସ୍ ଦ୍ୱାରା ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗାଜାରେ ଏପର୍ଯ୍ୟନ୍ତ ୪୪ ହଜାରରୁ ଅଧିକ ଲୋକଙ୍କର ପ୍ରାଣହାନୀ ଘଟିଥିବା ବେଳେ ୧ ଲକ୍ଷ ୪ ହଜାରରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆମେରିକାର ଜାତୀୟ ନିରାପତ୍ତା ପରାମର୍ଶଦାତା ଜେକ୍ ସୁଲିଭାନ୍ କହିଛନ୍ତି, ରାଷ୍ଟ୍ରପତି ଜୋ ବାଇଡେନ୍ ଅସ୍ତ୍ର ବିରତି ପାଇଁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ସହ ଆଉ ଏକ ପ୍ରୟାସ କରିବାକୁ ରାଜି ହୋଇଛନ୍ତି ।

## ନାମ୍ବିଆ ଇଲେକ୍ସନ

ନାମ୍ବିଆର ଅଷ୍ଟମ ରାଷ୍ଟ୍ରପତି ଏବଂ ନ୍ୟାଶନାଲ୍ ଆସେମ୍ବ୍ଲି ନିର୍ବାଚନ ଶେଷ ହୋଇଛି । ଏହି ନିର୍ବାଚନରେ ରାଷ୍ଟ୍ରପତି ପଦ ପାଇଁ ୧୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ୨୧ଟି ରାଜନୈତିକ ଦଳ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ନାମ୍ବିଆର ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ ପ୍ରାୟ ୧ ଦଶମିକ ୪/୫ ନିୟୁତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । ତେବେ କେତେକ ସ୍ଥାନରେ ଭୋଟ୍ ଗ୍ରହଣ ସମୟରେ ବାଲାଟ ପେପର ଅଭାବ ଦେଖାଦେଇଥିବା ଜଣାପଡ଼ିଛି ।

ଦୀର୍ଘ ୩୪ ବର୍ଷ ହେବ କ୍ଷମତାରେ ଥିବା ଦକ୍ଷିଣ-ପଶ୍ଚିମ ଆଫ୍ରିକା ପିପୁଲ୍‌ସ ଅର୍ଗାନାଇଜେସନ-ସ୍ୱାପୋ ର ଉପରାଷ୍ଟ୍ରପତି ନନ୍ଦୀ ଦାୟିତ୍ୱାହ ଓ ରାଷ୍ଟ୍ରପତି ଏବଂ ନ୍ୟାଶନାଲ୍ ଆସେମ୍ବ୍ଲି ଆସନ ପାଇଁ ୧୪ଟି ରାଜନୈତିକ ଦଳ ବିରୋଧରେ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଯଦି ସେ ବିଜୟୀ ହୁଅନ୍ତି, ତେବେ ସେ ନାମ୍ବିଆର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ । ଆଜିଠାରୁ ସେଠାରେ ଭୋଟ ଗଣନା କାର୍ଯ୍ୟ ଆରମ୍ଭ ହେବ ।

## ଜୟଶଙ୍କର - ଜି.୭

ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ନୂତନ ସମନ୍ୱୟ ଏବଂ ଭାଗିଦାରୀ ଉପରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗୁରୁତ୍ୱ ଦେଇଛନ୍ତି । ଇଟାଲୀର ଫିୟୁଗିଠାରେ ଭାରତ-ପ୍ରଶାନ୍ତ ମହାସାଗରୀୟ ସହଯୋଗୀଙ୍କ ସହ ଜି-୭ ବୈଦେଶିକ ମନ୍ତ୍ରୀଙ୍କ ଆଉଟ୍‌ରିଚ୍ ବୈଠକରେ ଯୋଗଦେଇ ଡକ୍ଟର ଜୟଶଙ୍କର ସେହି ଅଞ୍ଚଳରେ ୬ଟି ପ୍ରମୁଖ କ୍ଷେତ୍ର ଉପରେ ସହଯୋଗ ନେଇ ଆଲୋଚନା କରିଛନ୍ତି । ସେଗୁଡ଼ିକ ମଧ୍ୟରେ ସାମୁଦ୍ରିକ ସହଯୋଗ, ସେମିକଣ୍ଡକ୍ଟର, ଯୋଗାଣ ଶୃଙ୍ଖଳ, ଅସ୍ଥାୟୀ ଋଣକୁ ଏଡାଇବା ନେଇ ସମ୍ବଳ ଉପଯୋଗ, ବିକାଶ ଲାଗି ପ୍ରଶାସନ, ସ୍ୱାସ୍ଥ୍ୟ ଓ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ । ଆନ୍ତର୍ଜାତିକ ଆଇନ୍‌କୁ ସମ୍ମାନ ଜଣାଇ ଏସବୁ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଅତ୍ୟନ୍ତ ଜରୁରୀ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ମାଇନ୍ସ ଅକ୍ସନ୍

ଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ରହିଥିବା ଖଣି ଅଞ୍ଚଳଗୁଡ଼ିକର ପ୍ରଥମ ପର୍ଯ୍ୟାୟ ନିଲାମ ଆଜି ଅନୁଷ୍ଠିତ ହେବ । ଏଥିରେ ଆରବସାଗର ଏବଂ ଆଣ୍ଡାମାନ ସାଗର ଉପକୂଳ ଅଞ୍ଚଳରେ ଥିବା ୧୩ଟି ଖଣି ଅଞ୍ଚଳକୁ ସାମିଲ କରାଯାଇଛି । ସେଠାରୁ ମିଳୁଥିବା ଖଣିଜ ପଦାର୍ଥ ମୌଳିକଢାଞ୍ଚାର ବିକାଶ, ସବୁଜ ଶକ୍ତି ରୂପାନ୍ତରଣ ଏବଂ ଅତ୍ୟାଧୁନିକ ନିର୍ମାଣ କ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହୋଇଥାଏ । ଖଣି ମନ୍ତ୍ରଣାଳୟ କହିଛି, ସମୁଦ୍ର ଗର୍ଭରେ ଥିବା ଖଣିଜସମ୍ପଦର ଅନୁସନ୍ଧାନ ଏବଂ ଏହାର ଉତ୍ତୋଳନ ଦିଗରେ ଏହି ପଦକ୍ଷେପ ଉଲ୍ଲେଖନୀୟ ।

## ସୟଦ ମୋଦୀ ଟୁର୍ଣ୍ଣାମେଣ୍ଟ

ସୟଦ ମୋଦୀ ଆନ୍ତର୍ଜାତିକ ୨୦୨୪ ବିଡବ୍ଲୁଏଫ୍ ସୁପର୍ ୩୦୦ ପ୍ରତିଯୋଗିତାରେ ଲକ୍ଷ୍ନୌରେ ଗତକାଲି ଭାରତୀୟ ବ୍ୟାଡମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ଏବଂ ଲକ୍ଷ୍ୟ ସେନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେହିପରି ମାଳବିକା ବନ୍ସୋଦ, ଉନ୍ନତି ହୁଡ୍ଡା ଏବଂ ତସ୍ନିମ୍ ମୀର୍ ଓ ମହିଳା ଡବଲ୍ସ ଯୋଡ଼ି ଅଶ୍ୱିନୀ ପୋନାପ୍ପା- ତନିସା କ୍ରାଷ୍ଟୋ ଏବଂ ତ୍ରିଶା ଜଲୀ ଓ ଗାୟତ୍ରୀ ଗୋପିଚାନ୍ଦଙ୍କ ଯୋଡ଼ି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।

ମହିଳା ସିଙ୍ଗଲ୍ସ ପ୍ରଥମ ପର୍ଯ୍ୟାୟରେ ପି.ଭି. ସିନ୍ଧୁ ୨୧-୧୭ ଓ ୨୧-୧୫ରେ ଅନ୍‌ମୋଲ ଖରବଙ୍କୁ ପରାସ୍ତ କରିଥିଲେ । ସେହିପରି ପୁରୁଷ ସିଙ୍ଗଲ୍ସରେ ଲକ୍ଷ୍ୟ ସେନ୍ ମାଲେସିୟାର ସୋଲେହ ଏଦିଲଙ୍କୁ ୨୧-୧୨, ୨୧-୧୨ରେ ପରାସ୍ତ କରିଥିଲେ । ଅନ୍ୟପକ୍ଷରେ ପ୍ରଥମ ପର୍ଯ୍ୟାୟରେ ବିଶ୍ୱର ୪୬ନମ୍ବର ମାନ୍ୟତାପ୍ରାପ୍ତ  ଖେଳାଳି ଆକର୍ଷି କଶ୍ୟପ ଥାଇଲ୍ୟାଣ୍ଡର ଲାଲିନ୍‌ରତ ଚାଇଓ୍ୱାନ୍‌ଙ୍କ ଠାରୁ ୨୧-୮, ୨୧-୧୨ରେ ପରାସ୍ତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।